# କ୍ଷୟକ୍ଷତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ





ଆକାଶ ମାର୍ଗରୁ କ୍ଷତିଗ୍ରସ୍ତ ଅଞ୍ଚଳର ଦୃଶ୍ୟ

ଭୁବନେଶ୍ୱର,୨୧।୫/ଏନ୍ଏନ୍ଏସ୍:

ବାତ୍ୟା ଅମ୍ଫନ ତାଣ୍ଡବ ରଚାଇ ଚାଲିଯାଇଛି । ଓଡ଼ିଶାରେ ଏହା ସ୍ଥଳଭାଗ ନଛୁଇଁ ଘଷି ହୋଇଯିବାରୁ ଉତ୍ତର ଉପକୂଳ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି । ୪ଟି ଜିଲ୍ଲା ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ କ୍ଷୟକ୍ଷତି ଘଟାଇଛି ଅମ୍ଫନ୍ । ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି । ଉପକୂଳ ଓଡ଼ିଶାର ଏହି ୪ଟି ଜିଲ୍ଲାରେ କିପରି କ୍ଷତି ଘଟିଛି ସେନେଇ ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁସାରେ, ବାତ୍ୟା ଅମ୍ଫନ୍ ଯୋଗୁଁ ୪ ଜିଲ୍ଲାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତି, ବିଶେଷ କରି ଫସଲ ନଷ୍ଟ ନେଇ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଯୋଗାଯୋଗ ଭିତ୍ତିଭୂମି ଓ ସଡ଼କକୁ ଆସନ୍ତାକାଲି ସୁଦ୍ଧା ସ୍ୱାଭାବିକ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସେସୁକୁ ଆସନ୍ତା ୨୪ ଘଣ୍ଟା ଭିତରେ ଓ ନେସ୍କୋକୁ ଆସନ୍ତା ୭୨ ଘଣ୍ଟା ଭିତରେ ବିଦ୍ୟୁତ୍ ସେବା ଯୋଗାଣକୁ ସ୍ୱାଭାବିକ କରିବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ କୁହାଯାଇଛି । ଆସନ୍ତା ୩ ଦିନ ମଧ୍ୟରେ ଫସଲ କ୍ଷୟକ୍ଷତି ଏବଂ ଘର ଓ କୋଠାର କ୍ଷତି ଏକ ସପ୍ତାହ ମଧ୍ୟରେ ଆକଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅମ୍ଫନରେ ରାଜ୍ୟର ୮୯ଟି ବ୍ଲକ୍‌ର ୪୪ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଛି ।

ଏହାଛଡ଼ା ବାତ୍ୟା ଯୋଗୁଁ ପଶ୍ଚିମବଙ୍ଗରେ ଧନଜୀବନ ହାନି ନେଇ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏଭଳି ସଂକଟ ସମୟରେ ଓଡ଼ିଶାବାସୀ ପଶ୍ଚିମବଙ୍ଗ ସହ ଛିଡ଼ା ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କ ସହ ଯୋଗାଯୋଗରେ ରହି ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦେବାକୁ ସେ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ନବୀନ-ଶାହ ଆଲୋଚନା

**ଭୁବନେଶ୍ୱର:** ବାତ୍ୟା ଅମ୍ଫନ୍‌ର କ୍ଷୟକ୍ଷତି ସମ୍ପର୍କରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହ କଥା ହୋଇଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ । ଶ୍ରୀ ଶାହ ଏନେଇ ଟୁଇଟ୍ ଯୋଗେ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ବାତ୍ୟା ଅମ୍ଫନ୍‌ର କ୍ଷୟକ୍ଷତି ସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ଶ୍ରୀ ଶାହ କହିଛନ୍ତି, ଆମେ ଏହାକୁ ଅତି ନିକଟରୁ ତଦାରଖ କରୁଛୁ । ସମ୍ପୃକ୍ତ ବିଭାଗଗୁଡ଼ିକ ସହିତ ଅନବରତ ଭାବେ ଯୋଗାଯୋଗ

▶▶ ୭

## ଓଡ଼ିଶାକୁ ମୋଦୀଙ୍କ ପ୍ରଶଂସା

**ଭୁବନେଶ୍ୱର:** ବାତ୍ୟା ଅମ୍ଫନର ସଫଳ ମୁକାବିଲା ପାଇଁ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ଓଡ଼ିଶାବାସୀ ସାହସର ସହ ବାତ୍ୟା ମୁକାବିଲା କରିଥିବାରୁ ପ୍ରଧାନମନ୍ତ୍ରୀ ସାଧୁବାଦ ଜଣାଇଛନ୍ତି । ଟୁଇଟ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପରିସ୍ଥିତିକୁ ସ୍ୱାଭାବିକ କରିବା ଲାଗି ସରକାରୀ ଅଧିକାରୀ ଓ କର୍ମଚାରୀ ଅନବରତ କାମ କରିବା ସହ ପ୍ରଭାବିତଙ୍କୁ ସହାୟତା ଯୋଗାଇ ଦେଉଛନ୍ତି । ଯଥାଶୀଘ୍ର ସବୁକିଛି ସ୍ୱାଭାବିକ ହୋଇଯାଉ ବୋଲି ପ୍ରଧାନମନ୍ତ୍ରୀ କାମନା

▶▶ ୭